ପ୍ରେସ୍ ନୋଟ୍

# ମରୁଡିର ସ୍ଥାୟୀ ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ।

ଅନୁଗୋଳ, ତା.୦୭.୦୯:- ଅନୁଗୋଳ ଜିଲ୍ଲାରେ ସାମ୍ପ୍ରତିକ ସମ୍ଭାବ୍ୟ ମରୁଡିର ସ୍ଥାୟୀ ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗତକାଲି ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ମରୁଡିର ମୁକାବିଲା ନିମନ୍ତେ ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ସମସ୍ତ କ୍ଷେତ୍ର ଅଧିକାରୀମାନେ ନିଜ ନିଜ କ୍ଷେତ୍ରରେ ରହି ସ୍ଥିତିକୁ ଭଲ ଭାବରେ ଅନୁଧ୍ୟାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ମରୁଡି ସମ୍ପର୍କିତ ସମସ୍ତ ସୂଚନାକୁ ଉପରିସ୍ଥ ଅଧିକାରୀମାନଂକୁ ନିୟମିତ ଅବଗତ କରିବାକୁ ପରାମର୍ଶ ଦେଇଥିଲେ । ଅଧିକାରୀମାନେ ମରୁଡି ଓ ସ୍ୱଳ୍ପ ବୃଷ୍ଟିରେ ପ୍ରଭାବିତ ହୋଇ ଥିବା କ୍ଷେତ୍ର ପରିଦର୍ଶନ କରି ନୂତନ କାର୍ଯ୍ୟକ୍ରମ ଓ ଯୋଜନା ପ୍ରସ୍ତୁତ କରିବେ । ଜଳଛାୟା ପ୍ରକଳ୍ପକୁ ଅଧିକ ତ୍ୱରାନ୍ୱିତ କରାଯିବ ଯେପରି ଆଗାମୀ ରବି ଫସଲର ଅମଳ ଭଲ ହୋଇପାରିବ । ଛୋଟ ଛୋଟ ଜଳଛାୟା ଦ୍ୱାରା ଆମେ ମରୁଡି ପରିସ୍ଥିତିକୁ କିଛି ମାତ୍ରାରେ କମ୍ କରିପାରିବା ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । କୃଷି ସହିତ ଅଣ କୃଷି କାର୍ଯ୍ୟକ୍ରମ ଯଥା- କୁକୁଡା ପାଳନ, ଫସଲ ବିବିଧିକରଣ( crop diversification) ଆଦି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବା ଓ ନୂତନ କାର୍ଯ୍ୟକ୍ରମ ପଦ୍ଧତିକୁ ଆପଣାଇ ନେବା । ଉଠ ଜଳସେଚନ ର ବନ୍ଦ ଓ ଖରାପ ହୋଇ ପଡିଥିବା ପ୍ରକଳ୍ପ ଗୁଡିକ ତୁରନ୍ତ ମରାମତି କରିବା ଓ ଏହାର ପୁନଃରୁଦ୍ଧାର କରି ଚାଲୁ କରିବାକୁ ବିଭାଗୀୟ ଅଧିକାରୀଂକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅଧିକ କାର୍ଯ୍ୟଦିବସ ସୃଷ୍ଟି କରିବା ଓ ଏହି ଯୋଜନାରେ ଗ୍ରାମାଂଚଳରେ ଥିବା ଜଳଛାୟା ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଛି । ପଶୁଧନର ସୁରକ୍ଷା ଲାଗି ଗ୍ରାମ ସ୍ତରୀୟ କାର୍ଯ୍ୟକ୍ରମ ତଥା ପଶୁ ଶିବିର ଓ ଗୋ ଖାଦ୍ୟ ଗଛିତ ରଖିବା ପାଇଁ କାର୍ଯ୍ୟକ୍ରମ କରିବାକୁ ବିଭାଗୀୟ ଅଧିକାରୀଂକୁ ପରାମର୍ଶ ଦିଆଯାଇଛି । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ବୈଠକର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ଶେଷରେ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତି ରିକ୍ତ ଜିଲ୍ଲାପାଳ ଶ୍ରୀ ସନ୍ତୋଷ କୁମାର ପ୍ରଧାନ (ରାଜସ୍ୱ), ତାଳଚେର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁଙ୍କ ସମେତ କୃଷି,ପଶୁ ସମ୍ପଦ,ଜଳଛାୟା, ଉଠାଜଳସେଚନ,ଡେରେଜାଙ୍ଗ, ଆଉନାଳୀ,ରେଙ୍ଗାଳୀ ,କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ଜରୁରୀକାଳିନ ଅଧିକାରୀ ଶ୍ରୀ ବଇତୁରା ଦିପ୍ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ପ୍ରଦୋଷ କୁମାର ଶତପଥି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।